# ସାହିତ୍ୟ ଅକାଦେମି ପକ୍ଷରୁ ଗ୍ରାମାଲୋକ କାର୍ଯ୍ୟକ୍ରମ

ବୋରିଗୁମ୍ମା,୨୯।୫(ଅନୁପମ ମିଡ଼ିଆ): ବୋରିଗୁମ୍ମା ବ୍ଲକ ଖୁଡ଼ିଗୁଡା ଗ୍ରାମରେ ଗ୍ରାମାଲୋକ (ଓଡ଼ିଆ କବିତା ଓ ଆଲୋଚନା କାର୍ଯ୍ୟକ୍ରମ) ଆୟୋଜିତ ହୋଇଯାଇଛି । କେନ୍ଦ୍ର ସାହିତ୍ୟ ଅକାଦେମି ଏବଂ କୋରାପୁଟ ସାହିତ୍ୟ ପରିବାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଗ୍ରାମାଲୋକ କାର୍ଯ୍ୟକ୍ରମର ଆବାହିକା ଥିଲେ ସାହିତ୍ୟ ଅକାଦେମିର ଓଡ଼ିଆ ବିଭାଗ ଉପଦେଷ୍ଟା ପରିଷଦ ସଦସ୍ୟା ପ୍ରୀତି ଧାରା ସାମଲ । କୋରାପୁଟ ସାହିତ୍ୟ ପରିବାରର ଉପସଭାପତି ଅଧ୍ୟାପକ ରବି ଶତପଥୀଙ୍କ ସହଯୋଗରେ ଆୟୋଜିତ ଏହି ସାହିତ୍ୟ ସମାରୋହରେ ନବରଙ୍ଗପୁର, ବୋରିଗୁମ୍ମା, ଜୟପୁର କୋରାପୁଟର ଅନେକ ସାହିତ୍ୟାନୁରାଗୀ କବି ଏବଂ କବୟିତ୍ରୀ ଯୋଗ ଦେଇ ନିଜ ନିଜର କବିତା ଆବୃତ୍ତି କରିଥିଲେ । ସାହିତ୍ୟ ଓ ସମାଜ ପରିପୂରକ ବୋଲି ବକ୍ତାଗଣ ପ୍ରକାଶ କରିଥିଲେ ଏବଂ ଗ୍ରାମାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ କରିବା ଦ୍ୱାରା ସମସ୍ତ ପ୍ରକାର କବି ଲେଖକ ମାନେ ଏକ ସୁନ୍ଦର ମଞ୍ଚ ପାଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୋରିଗୁମ୍ମା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ ଯୋଗ ଦେଇ ଏକ ବ୍ୟଙ୍ଗାତ୍ମକ କବିତା ପାଠ କରିଥିଲେ। ଭିନ୍ନ ଭିନ୍ନ ପର୍ଯ୍ୟାୟ କବିତା ପାଠ ସମୟରେ ସାହିତ୍ୟିକ ନଳିନୀ ରଞ୍ଜନ ମିଶ୍ର, ଉଦୟ ଶଙ୍କର ଜାନୀ, ରଜତ କୁମାର ଷଡ଼ଙ୍ଗୀ, ପ୍ରମୋଦ କୁମାର ରାଉଳ ଏବଂ ରବି ଶତପଥି ପ୍ରମୁଖ ସଭାପତି ରୂପେ ମଞ୍ଚାସୀନ ଥିଲେ । ଅଧକ୍ଷ ଦାଶରଥି ଗୌଡ଼ ଏବଂ ଅଧ୍ୟାପକ ସୁଧାଂଶୁ ଶେଖର ପଟ୍ଟନାୟକ ସହ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା।। ସମଗ୍ର କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଏନ୍.ରାଜେଶ କୁମାର କରିଥିବା ବେଳେ ଡିଗ୍ରୀ କଲେଜ ଅଧକ୍ଷ ସୌମେନ୍ଦ୍ର ସ୍ୱାଇଁ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଶିଷ୍ଟ ଅନୁବାଦକ ବିଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଗ୍ରାମାଲୋକ କାର୍ଯ୍ୟକ୍ରମରେ ସୁବାଷ ଚନ୍ଦ୍ର ହରିଜନ, ନାରାୟଣ ସଗର, ସରୋଜ ପ୍ରହରାଜ, ସତ୍ୟ ନାରାୟଣ ଆଚାରି, କୃଷ୍ଣ ଚନ୍ଦ୍ର ହୋତା, ବୈରାଗୀ ଚରଣ ସାହୁ, ଆଲୋକ ମହାରଣା, ସ୍ମୃତି ପଣ୍ଡା, ଅଭିନାଶ ସାନ୍ତ୍ରାପାତ୍ର, ମାନସ କର, ନାରାୟଣ ପାଣିଗ୍ରାହୀ, ରାଜେଶ ନାୟକ, ଅଶୋକ ଷଡଙ୍ଗୀ, ସଦାଶିବ ତ୍ରିପାଠୀ, ଆଶୁତୋଷ ବାରିକ, ମଧୁସୂଦନ ସ୍ୱାଇଁ, ଅଶୋକ ପଲେଇ, ମାନସୀ ମହାନ୍ତି, ଡୋଲି ନାୟକ, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ, ଜାହ୍ନବୀ ପଣ୍ଡା, ସଂଯୁକ୍ତା ପଣ୍ଡା ଓ ସାବିତ୍ରୀ ରାଣା ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଓଡ଼ିଆ ସାହିତ୍ୟର ଗାଁ ମାଟିର ଗନ୍ଧ ମନେ ପକାଇବା ସହ ବାସ୍ତବ ସଂସ୍କୃତିକୁ ନିକଟରୁ ଅନୁଭବ କରାଯାଇଥିଲା।